## ମା' ଗଙ୍ଗାଦେବୀଙ୍କ ଯାତ୍ରା ଉଦଯାପିତ

**ଗଞ୍ଜାମ,(ଡି.ଏନ.ଏ.):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧ ଗ୍ରାମ ରଷିକୁଲ୍ୟା ମୁହାଁଣ ନିକଟସ୍ଥ ପ୍ରସିଦ୍ଧ ମା ଗଙ୍ଗାଦେବୀଙ୍କ ପୀଠରେ ଦଶହରା ଉପଲକ୍ଷେ ମାଙ୍କ ଯାତ୍ରା ଗୁରୁବାର ଉଦଯାପିତ ହୋଇଯାଇଛି। ମା ଗଙ୍ଗାଦେବୀ, ବରପଲ୍ଲି ପୁଡୁଗେଶ୍ୱର ମହାଦେବ ଏବଂ ଗଞ୍ଜାମ ସହରସ୍ଥ ବାବା ଖଣ୍ଡେଶ୍ୱର ତ୍ରିବେଣୀ ମଠ ଛକ ଠାରେ ଏକାଠି ହେବାପରେ ବିରାଟ ଶୋଭାଯାତ୍ରାରେ ଦାମୋଦରପୁର ଗ୍ରାମ ସ୍ଥିତ ରଷିକୁଲ୍ୟା ନଦୀ ଠାରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଭକ୍ତଙ୍କ ମନୋରଞ୍ଜନ ନିମନ୍ତେ ଗଙ୍ଗାଦେବୀଙ୍କ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ଶ୍ରମିକ ମହାସଂଘର ଖବରଦାତା ସମ୍ମିଳନୀ। ସ୍ଥାନ-ସୁବାରାଓ ଛକ। ସମୟ-ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ୩ ଡେଙ୍ଗୁ ରୋଗୀ ଚିହ୍ନଟ

**ବ୍ରହ୍ମପୁର ଅଫିସ,୬।୧୦:** ଗଞ୍ଜାମ ଜିଲାରେ ଡେଙ୍ଗୁ ସ୍ଥିତି ଏବେ ଦିନକୁ ଦିନ ବଢିବାରେ ଲାଗିଛି। ଗତ ବର୍ଷ ଜିଲାରେ କେବଳ ୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଏଯାବତ ୧୦୯ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ପୁଣିଥରେ ଦିନକରେ ୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଗୁରୁବାର ଛତ୍ରପୁର ବ୍ଲକ ଅନ୍ତର୍ଗତ ତୋଟାପଲିର ୫୪ ବର୍ଷର ଜଣେ ମହିଳାଙ୍କ ରିପୋର୍ଟ ପଜିଟିଭ ଆସିଛି। ସେହିପରି ପାତ୍ରପୁର ବ୍ଲକ ପାତ୍ରପୁରର ୩୦ ବର୍ଷୀୟା ଜଣେ ମହିଳାଙ୍କ ଡେଙ୍ଗୁ ପରୀକ୍ଷା ପରେ ତାଙ୍କର ଡେଙ୍ଗୁ ରିପୋର୍ଟ ପଜିଟିଭ ରହିଥିବା ବେଳେ ରଙ୍ଗେଇଲୁଣ୍ଡା ବ୍ଲକ ତୋତରାପଲି ଗ୍ରାମର ୯ ବର୍ଷର ଜଣେ ଶିଶୁ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଜୁଆ ଖେଳୁଥିବା ବେଳେ ୯ ଗିରଫ

**ବ୍ରହ୍ମପୁର ଅଫିସ,୬।୧୦:** ବ୍ରହ୍ମପୁର ସଦର ଥାନା ପୋଲିସ ଆଙ୍କୁଶପୁରରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ଜଣେ ବ୍ୟକ୍ତି ନିଜ ଘରେ ଜୁଆ ଆଡ୍ଡା ଚଳାଇଥିବା ନେଇ ବୁଧବାର ରାତିରେ ପୋଲିସ ଖବର ପାଇଥିଲା। ସେଠାରେ ଚଢ଼ାଉ କରି ପୋଲିସ ଜୁଆଆଡ୍ଡା ଚଳାଉଥିବା ରବୀନ୍ଦ୍ର ସାହୁଙ୍କ ସମେତ ୯ ଜଣଙ୍କୁ ଗିରଫ କରିଥିଲା। ସେହିପରି ଘଟଣା ସ୍ଥଳରୁ ୧୯,୨୩୦ ଟଙ୍କା, ୪ଟି ମୋବାଇଲ ଫୋନ ଓ ଖେଳ ପ୍ରସ୍ତୁତ ସରଞ୍ଜାମ ଜବତ କରିଛି। ମାମଲା ନମ୍ବର ୪୬୭/୨୨ରେ ସମସ୍ତଙ୍କୁ ଗିରଫ କରାଯାଇଛି। ପରେ ସେମାନଙ୍କୁ ଧାରା ୪୧ ସିଆରପିସିରେ ଜାମିନ ମିଳିଥିବା ଜଣାପଡ଼ିଛି।

### ୬ ଦିନରେ ବୁଢ଼ୀ ଠାକୁରାଣୀ ଯାତ୍ରା

**ଦିଗପହଣ୍ଡି,୬।୧୦(ଡି.ଏନ.ଏ.):** ଦିଗପହଣ୍ଡି ସହରରେ ଚାଲିଥିବା ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଗୁରୁବାର ଷଷ୍ଠ ଦିବସରେ ପହଞ୍ଚିଛି। ସନ୍ଧ୍ୟାରେ ମା'ଙ୍କ ଘଟ ଶୋଭାଯାତ୍ରା ପରିକ୍ରମା କରି ଗଡଚୈତନ୍ୟପୁର ଶାସନ ସାହିରେ ପହଞ୍ଚିଥିଲା। ସାହିର ଦୁର୍ଗା ପୂଜା କମିଟି ପକ୍ଷରୁ ମା'ଙ୍କୁ ଦୁର୍ଗା ମଣ୍ଡପକୁ ପାଛୋଟି ନିଆଯାଇଥିଲା। ସେଠାରେ ମା' ଦୁର୍ଗାଙ୍କ ସହ ଭେଟ କରାଯାଇ ପୂଜାର୍ଚ୍ଚନା କରାଯିବା ପରେ ମା'ଙ୍କୁ ମେଲାଣି ଦିଆଯାଇଥିଲା। ପରେ ଟିକିଟିଆ ସାହିରେ ସ୍ୱର୍ଗତ ନଟବର ମିଶ୍ରଙ୍କ ଘର ସମ୍ମୁଖରେ ପୂଜା ପାଇ ଆସୁଥିବା ମା' ଫୁଲସୁନ୍ଦରୀଙ୍କ ସହ ବୁଢ଼ୀ ଠାକୁରାଣୀଙ୍କ ଭେଟ ପାରମ୍ପରିକ ରୀତି ନୀତି ଅନୁଯାୟୀ କରାଯାଇଥିଲା। ଏହି ଭେଟକୁ ମା'- ଝିଅଙ୍କ ଭେଟ ବୋଲି କୁହାଯାଇଥାଏ।

### ଶତାୟୁ ଚାଷୀଙ୍କ ପରଲୋକ

**ଭଞ୍ଜନଗର, ୬।୧୦(ଡି.ଏନ. ଏ.):** ଭଞ୍ଜନଗର ଅଞ୍ଚଳର ଶତାୟୁ ଚାଷୀ ଈଶ୍ୱର ବିଶ୍ୱାଳ(୧୦୨)ଙ୍କ ଗୁରୁବାର ପରଲୋକ ଘଟିଛି। ସେ ଆଜକୁ ୧୫ ଦିନ ହେବ ଅସୁସ୍ଥ ରହି ନିଜ ଗ୍ରାମ ଅଗଝୋଳରେ ଚିକିତ୍ସାଧୀନ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରିବା ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ୧୨ ମାସ ପରିବା ଚାଷ କରି କୃଷକ ମହଲରେ ସେ ନିଜର ସତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

# ଲଗାଣ ବର୍ଷାରେ ରେଶମ ସହର ପ୍ରଭାବିତ


ପାଣିଟାଙ୍କିରୁ ରୋଡ଼ରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଯିବା ରାସ୍ତା।


ବର୍ଷା ଯୋଗୁ ଲୋଚାପଡ଼ାରୁ ଗେଟ ବଜାର ଯିବା ମୁଖ୍ୟ ରାସ୍ତାରେ ନର୍ଦ୍ଦମା ଜଳ ପ୍ରବାହିତ ହେଉଛି।

**ବ୍ରହ୍ମପୁର ଅଫିସ,୬।୧୦**

ଲଗାଣ ବର୍ଷା ଯୋଗୁ ବ୍ରହ୍ମପୁର ସହରରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଯୋଗୁ ସହରରେ ଶାରଦୀୟ ପୂଜା ମଧ୍ୟ ପ୍ରଭାବିତ ହୋଇଛି। ସହରରେ ବାଣିଜ୍ୟ ଓ ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦା ହୋଇପଡ଼ିଛି ଓ ବହୁ ଦୋକାନ ବଜାର ବନ୍ଦ ରହିଛି। ଅନ୍ୟପଟେ ସହର ସାରା ରାସ୍ତାରେ ନର୍ଦ୍ଦମା ଓ ବର୍ଷା ଜଳ ପ୍ରବାହିତ ହେଉଛି। ସହର ତଳି ବସ୍ତି ଅଞ୍ଚଳ ଓ ଉପକଣ୍ଠସ୍ଥ କେତେକ ଗ୍ରାମରୁ ଠିକ ଭାବେ ଜଳ ନିଷ୍କାସିତ ହୋଇପାରୁନାହିଁ। ସହର ଉପକଣ୍ଠସ୍ଥ ବଡ଼ ଗୁମୁଳା ଗ୍ରାମ ମୁଖ୍ୟ ରାସ୍ତାଦେଇ ଯାଇଥିବା କେନାଲ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ସେହିପରି ପାଣିଟାଙ୍କିଠାରୁ କନ୍‌ଭେଣ୍ଟ ସ୍କୁଲ, ଲୋଚାପଡ଼ାଠାରୁ ବ୍ରହ୍ମପୁର ଓ ଅନେକ ଅଞ୍ଚଳରେ ରାସ୍ତା ଧୋଇ ହୋଇଯାଇଛି। ଗାନ୍ଧୀନଗର, ପ୍ରେମନଗର, ବ୍ୟାଙ୍କ କଲୋନୀ, ଗଜପତି ନଗର, ଗୋପାଳପୁର ଛକ, ନୀଳାଚଳ ନଗର, ଶ୍ରୀରାମ ନଗର, ଗୋଦାବରୀଶ ନଗର, ନୂଆବସ୍‌ଷ୍ଟାଣ୍ଡକୁ ଯିବାରାସ୍ତା ଓ ଆସ୍କାରୋଡ଼ ଅଞ୍ଚଳରେ ବର୍ଷାଯୋଗୁ ଦୀର୍ଘ ସମୟଧରି ରାସ୍ତା ଉପରେ ନର୍ଦ୍ଦମା ଓ ବର୍ଷା ଜଳ ପ୍ରବାହିତ ହେବା ଫଳରେ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଫଳରେ ରାସ୍ତାରେ ଖାଲ ଖମା ହୋଇ ସେଥିରେ ବର୍ଷାପାଣି ଜମା ହୋଇ ରହିଛି।

ଗୋପାଳପୁର ପାଣିପାଗ କେନ୍ଦ୍ରପକ୍ଷରୁ ଏସ୍.କେ.ମୂର୍ତ୍ତିଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଗତ ୨୪ ଘଣ୍ଟା ମଧ୍ୟରେ ୧୫.୮୮ ମି.ମି. ବର୍ଷା ରେକର୍ଡ଼ କରାଯାଇଛି। ସେହିପରି ଶୁକ୍ରବାର ସକାଳ ୮.୩୦ ପର୍ଯ୍ୟନ୍ତ ଗଞ୍ଜାମ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଉପକୂଳବର୍ତ୍ତୀ ଅଞ୍ଚଳର ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

## ପଥରରେ ଛେଚି ହତ୍ୟା ଘଟଣା
# ନାବାଳକ ଜେଜେବିରେ ହାଜର

**ବ୍ରହ୍ମପୁର ଅଫିସ,୬।୧୦**

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗର ମୁଖ୍ୟ ରାସ୍ତାରେ ଗତ ୪ ତାରିଖରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଟଙ୍କା ଦେବାକୁ ମନା କରିବାରୁ ଜନୈକ ନାବାଳକ ଜଣେ ବ୍ୟକ୍ତିଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ମୃତକଙ୍କ ନାମ କେ. ଗୋପାଳକୃଷ୍ଣ ପାତ୍ର(୫୪)। ବଡ଼ବଜାର ଥାନା ପୋଲିସ ନମ୍ବର ୨୫୭/୨୨ରେ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ନାବାଳକ (୧୬)କୁ ଧରିଥିଲା। ପରେ ଜୁଭେନାଇଲ ଜଷ୍ଟିସ ବୋର୍ଡ଼(ଜେଜେବି)ରେ ଗୁରୁବାର ତାଙ୍କୁ ହାଜର କରିଛି। ଜେଜେବି ନିର୍ଦ୍ଦେଶ ଅନୁସାରେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି।

ପ୍ରକାଶଯେ, ସମ୍ପୃକ୍ତ ନାବାଳକଙ୍କ ନାମରେ ପୂର୍ବରୁ ଦୁଇଟି ଚୋରି ମାମଲା ରହିଥିବା ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁସାରେ ଗୋଶାଣୀନୂଆଗାଁ ଥାନା ଅନ୍ତର୍ଗତ ହରିହରନଗର ଦ୍ୱିତୀୟ ଲାଇନ୍‌ରେ ରହୁଥିବା କେ. ଗୋପାଳକୃଷ୍ଣ ଗତ ୪ତାରିଖ ସନ୍ଧ୍ୟାରେ ମା' ବୁଢ଼ୀ ଠାକୁରାଣୀ ମନ୍ଦିରକୁ ଦର୍ଶନ ପାଇଁ ଯାଇ ଘରକୁ ଫେରୁଥିଲେ। ପ୍ରେମନଗର ପଞ୍ଚୁଦେଉଳ ସାହି ନିକଟରେ ଜଣେ ନାବାଳକ ତାଙ୍କର ସହଯୋଗୀଙ୍କ ସହିତ ସେଠାରେ ଛିଡ଼ା ହୋଇଥିଲେ। ନାବାଳକ ଜଣକ ଗୋପାଳକୃଷ୍ଣଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ସେ ଦେବାକୁ ମନା କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ନାବାଳକ ଜଣକ ଗୋପାଳକୃଷ୍ଣଙ୍କୁ ଲକ୍ଷ୍ୟ କରି ଏକ ପଥର ଫିଙ୍ଗିଥିଲେ। ଏହାପରେ ଏକ ବଡ଼ ପଥରରେ ତାଙ୍କ ମୁଣ୍ଡ ଓ ମୁହଁକୁ ଛେଚି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ଗୋପାଳକୃଷ୍ଣଙ୍କ ଭାଇ କେ. ବାଳକୃଷ୍ଣ ପାତ୍ରଙ୍କ ଅଭିଯୋଗ କ୍ରମେ କେସ୍ ନମ୍ବର ୨୫୭/୨୨ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଘଟଣାସ୍ଥଳରୁ ପୋଲିସ ନାବାଳକଙ୍କୁ ଧରିବା ସହ ସେ ଉକ୍ତ ହତ୍ୟାକାଣ୍ଡରେ ବ୍ୟବହାର କରିଥିବା ରକ୍ତଭିଜା ୩ଗୋଟି ପଥର ଜବତ କରିଥିବା କହିଛି।

### ସମୁଦ୍ରରେ ବୁଡ଼ି ଜଣେ ମୃତ, ୩ ବର୍ତ୍ତିଲେ

**ଗୋପାଳପୁର,୬।୧୦ (ଡି.ଏନ.ଏ.)**

ବିଜୟା ଦଶମୀରେ ଗୋପାଳପୁର ବେଳାଭୂମିରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ନାବାଳକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ମୃତ ନାବାଳକ ହେଲେ କୁକୁଡ଼ାଖଣ୍ଡି ବ୍ଲକ ଇନ୍ଦିରାବାସ ଅଞ୍ଚଳର ସଞ୍ଜୟ ଦାସ(୧୭)। ସଦର ଥାନା ଅଧିନ କୁକୁଡ଼ାଖଣ୍ଡି ଅଞ୍ଚଳର ମଦନ ମୋହନ ଦାସ, ଅବିନାଶ ଦାସ, ଦୀପକ ନାୟକ ଓ ସଞ୍ଜୟ ଦାସ ମିଶି ଗତ ବୁଧବାର ଦଶହରାରେ ଗୋପାଳପୁର ସମୁଦ୍ର ବେଳାଭୂମି ବୁଲିବାକୁ ଯାଇଥିଲେ। ସେମାନେ ଗାଧୋଉଥିବା ବେଳେ ସମୁଦ୍ର ଲହଡ଼ି ମାଡ ଓ କରେଣ୍ଟ ଯୋଗୁ ଭିତରକୁ ଚାଲି ଯାଇଥିଲେ। ନାବାଳକମାନେ ଚିତ୍କାର କରିବା ପରେ ଲାଇଫ୍ ଗାର୍ଡ ଓ ସ୍ଥାନୀୟ ଲୋକ ସମୁଦ୍ର ଭିତରେ ପଶି ମଦନ, ଅବିନାଶ ଓ ଦୀପକଙ୍କୁ ଉଦ୍ଧାର କରିଥିବା ବେଳେ ସଞ୍ଜୟଙ୍କ ପତ୍ତା ମିଳ ନ ଥିଲା। ଗୋପାଳପୁର ପୋଲିସ, ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ସଞ୍ଜୟଙ୍କୁ ପାଇ ନ ଥିଲେ। ଗୁରୁବାର ପାନ୍ଥ ନିବାସ ନିକଟସ୍ଥ କୂଳରେ ସଞ୍ଜୟଙ୍କ କ୍ଷତବିକ୍ଷତ ମୃତଦେହ ପଡି ରହିଥିଲା। ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ଏନେଇ ନଂ ୨୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ବିଶ୍ୱେଶ୍ୱର


@ ଚନ୍ଦନ


@ କିଟୁ


@ ଇତିଶ୍ରୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଆର୍‌ଏସ୍‌ଙ୍କୁ ଗିରଫ ଦାବିରେ ଧାରଣା

## ଜିଆରଏସ୍, ବିଜେଡି ନେତାଙ୍କ ମାରପିଟ ଘଟଣା

**ଗୋପାଳପୁର,୬।୧୦(ଡି.ଏନ.ଏ.)**



ଥାନା ସମ୍ମୁଖରେ ମହିଳା ଓ ପୁରୁଷଙ୍କ ଧାରଣା।

ଗତ ମାସ ୨୯ ତାରିଖରେ କନିଷି ହାଟସ୍ଥିତ ରଙ୍ଗେଇଲୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଜିଆରଏସ୍ ଓ ବିଜେଡି ନେତାଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଜିଆରଏସ୍‌ଙ୍କୁ ଗିରଫ ଦାବିରେ ଗୁରୁବାର ଗୋଳନ୍ଥରା ଥାନା ମୁଖ୍ୟ ଫାଟକ ନିକଟରେ ମହିଳା ଓ ପୁରୁଷମାନେ ଧାରଣା ଦେଇଥିଲେ। ପୂର୍ବାହ୍ନରେ ଝିପି ଝିପି ବର୍ଷା ହେଉଥିଲେ ମଧ୍ୟ ଗୋଳନ୍ଥରା ପଞ୍ଚାୟତ ଚଟି ଗ୍ରାମର ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇ ଥାନାକୁ ଯାଇଥିଲେ। ଥାନା ମୁଖ୍ୟ ଫାଟକରେ ଏକ ବ୍ୟାନର ଟାଙ୍ଗି ଧାରଣାରେ ବସିବା ସହ ବିଭିନ୍ନ ନାରାବାଜି ଦେଇଥିଲେ। ଜିଆରଏସ୍‌ଙ୍କୁ ତୁରନ୍ତ ଗିରଫ ଦାବି ନେଇ ଅଡ଼ି ବସିଥିଲେ। ଏଥିସହ କାହିଁକି ଜିଆରଏସ୍‌ଙ୍କୁ ଗିରଫ କରାଯାଉନି ବୋଲି ପୋଲିସକୁ ପ୍ରଶ୍ନ କରିଥିଲେ। ପରେ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଘଟଣାର ତଦନ୍ତ ଚାଲୁ ରହିଛି, ପ୍ରମାଣ ମିଳିଲେ ଖୁବଶୀଘ୍ର ଜିଆରଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ବସୁଥିବା ପ୍ରକୋଷ୍ଠ ସମ୍ମୁଖରେ ଗୋଳନ୍ଥରା ପଞ୍ଚାୟତ ଜିଆରଏସ୍ ରାକେଶ ସାମନ୍ତ ଓ ବିଜେଡି ନେତା ସନ୍ତୋଷ ପ୍ରଧାନଙ୍କ ମଧ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକୁ ନେଇ ଯୁକ୍ତିତର୍କ ସହ ମାରପିଟ ହୋଇଥିଲା। ଏନେଇ ଗୋଳନ୍ଥରା ଥାନାରେ ଦୁଇଟି ମାମଲା ନଂ.୩୫୭ ଓ ୩୫୮/୨୨ମଧ୍ୟ ରୁଜୁ ହୋଇଥିଲା।

### ବିଦ୍ୟୁତ ତାର ଲାଗି ଗାଈ, ବଳଦ ମୃତ

**ଆର.ଉଦୟଗିରି,୬।୧୦ (ଡି.ଏନ.ଏ.)**

ମୋହନା ଥାନା ଅନ୍ତର୍ଗତ କଳାମେରି ଗ୍ରାମର ଗୋରୁ ଗୋଠ ପଡିଆକୁ ଚରିବାକୁ ଯାଇଥିବା ବେଳେ କୌଣସି କାରଣବଶତଃ ତଳେ ଛିଡ଼ି ପଡ଼ିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୋଟିଏ ଗାଈ ଓ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ସୌଭାଗ୍ୟବଶତଃ ଗୋରୁ ଚରାଳି ବର୍ତ୍ତି ଯାଇଛନ୍ତି। ଗୋରୁ ମାଲିକ ସୁରେନ୍ଦ୍ର ବୈଦ୍ୟ ଗରିବ ଶ୍ରେଣୀର ହୋଇଥିବାରୁ ସେ ଭାଙ୍ଗି ପଡ଼ିଛନ୍ତି।

### ପୂର୍ବ ଶତ୍ରୁତାରୁ ସରପଞ୍ଚଙ୍କୁ ଆକ୍ରମଣ

**ହିଞ୍ଜିଳିକାଟୁ,୬।୧୦(ଡି.ଏନ.ଏ)**

ହିଞ୍ଜିଳି ଥାନା ତଥା ଶେରଗଡ଼ ବ୍ଲକ ତହଁର ସରପଞ୍ଚ ଶିବରାମ ମେହେଣାଙ୍କୁ କାଞ୍ଚିଆମା ଗ୍ରାମରେ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। କାଞ୍ଚିଆମା ଗ୍ରାମ କୋଠିଶାଳ ଯାତ୍ରାକୁ ସରପଞ୍ଚଙ୍କୁ ପୂଜା କମିଟି ନିମନ୍ତ୍ରଣ କରିଥିଲା। ସରପଞ୍ଚ ଓ ତାଙ୍କର କେତେଜଣ ସହଯୋଗୀ ମଙ୍ଗଳବାର ରାତିରେ ସେଠାକୁ ଯାଇଥିଲେ। ପ୍ରାୟ ୧୦ ଜଣ ପୂର୍ବ ଶତ୍ରୁତାକୁ ନେଇ ମେହେଣାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ସରପଞ୍ଚ ଗୁରୁବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ ୫୩୬/୨୨ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ କାଞ୍ଚିଆମା ଗ୍ରାମର ଲକ୍ଷ୍ମୀ ଜେନା ନାମକ ମହିଳାଙ୍କୁ ସରପଞ୍ଚ ଓ ତାଙ୍କ ସହଯୋଗୀମାନେ ମଙ୍ଗଳବାର ରାତିରେ ଗାଳିଗୁଲଜ ସହ ଆକ୍ରମଣ ଧମକ ଦେଇଥିବା ସେ ପାଲଟା ଅଭିଯୋଗ କରିଛନ୍ତି। ନଂ ୫୩୭/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ଉଭୟ ମାମଲାର ତଦନ୍ତ ଜାରି ରଖିଛି।

# ରାଜ୍ୟସ୍ତରୀୟ ସବ୍ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା

## ଗଞ୍ଜାମ ପ୍ରତିଯୋଗୀଙ୍କ କେନ୍ଦୁଝର ଯାତ୍ରା

**ବ୍ରହ୍ମପୁର ଅଫିସ,୬।୧୦**

ରାଜ୍ୟସ୍ତରୀୟ ସବ୍‌ଜୁନିୟର ବାଳକ ଓ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା ୭ ଓ ୮ତାରିଖରେ କେନ୍ଦୁଝର ଜିଲାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଗୁରୁବାର ଜିଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ୧୬ ଜଣ ବାଳିକା ଓ ୧୬ ବାଳକ କେନ୍ଦୁଝର ଅଭିମୁଖେ ଯାତ୍ରା କରିଛନ୍ତି। ପ୍ରତିଯୋଗିଙ୍କ ସହ ଟିମ୍ ମ୍ୟାନେଜର ଭାବେ ପ୍ରମୋଦ କୁମାର ପଟ୍ଟନାୟକ, ଦୀପକ ମହାନ୍ତି, ପଞ୍ଚାନନ ସାହୁଙ୍କ ସମେତ ସହଯୋଗୀ ଭାବେ ଜାତୀୟ ରେଫେରୀ ଏ.ତେଜସ୍ୱୀ ଓ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ କ୍ରୀଡ଼ାବିତ ସନ୍ଦିପ କୁମାର ପାତ୍ର କେନ୍ଦୁଝର ଅଭିମୁଖେ ଯାତ୍ରା କରିଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଜିଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ସଭାପତି ବ୍ରହ୍ମପୁର ବିଧାୟକତ ବିକ୍ରମ କୁମାର ପଣ୍ଡା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ଓ ସଂଘର ସମସ୍ତ ସଦସ୍ୟମାନେ ଶୁଭେଚ୍ଛା ଜଣାଇବା ସହ ଉତ୍ତମ ପ୍ରଦର୍ଶନ ନିମନ୍ତେ ଉତ୍ସାହିତ କରିଥିଲେ।


ଜିଲା ସବ୍‌ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗୀଙ୍କ ସହ ଟିମ୍ ମ୍ୟାନେଜର ଓ ସହଯୋଗୀ।

# ବିସର୍ଜନ ପାଇଁ ୪ ଅସ୍ଥାୟୀ ପୋଖରୀ

## ଆଜି ବାହୁଡ଼ିବେ ମା'

**ବ୍ରହ୍ମପୁର ଅଫିସ,୬।୧୦**


ଭସାଣି ପାଇଁ ଅସ୍ଥାୟୀ ପୋଖରୀ।

ଦୀର୍ଘ ୧୦ ଦିନ ଧରି ପୂଜା ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହେବ। ଚଳିତ ବର୍ଷ ସହରରେ ୪୦ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ଅନୁଷ୍ଠିତ ହୋଇଛି। ଶୁକ୍ରବାର ଭସାଣି ଉତ୍ସବ ଥିବା ବେଳେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସହରର ୪ଟି ସ୍ଥାନରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ଫାଷ୍ଟ ଗେଟସ୍ଥିତ ଡେରା ପଡିଆ, ଗୋଷାଣୀନୂଆଗାଁ ଆଗୁଳାବନ୍ଧ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆମ୍ବପୁଆ ସ୍ଥିତ ବିବେକ ବିହାର, ଆମ୍ବବଜାର ସ୍ଥିତ ମିନାକ୍ଷୀନଗରଠାରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି। ଫାଷ୍ଟଗେଟ୍ ଅସ୍ଥାୟୀ ପୋଖରୀରେ ଫାଷ୍ଟ ଗେଟ ଟ୍ରକ୍ ଟର୍ମିନାଲ ପୂଜା ପେଣ୍ଡାଲ ଭଳି ଗଞ୍ଜାମ ଓ ଫୁଲବାଣୀ ଟ୍ରକ ସଂଘ, ମହୁରୀ ରାଜା ଗୁର୍ଜି ଦେଶୀ ବେହେରା ସାହି, ଶିବରାମ ନଗର ଖଣ୍ଡିଆ କୁମୁଟି ସାହି, ନୃସିଂହ ନଗର, ଭିକ୍ଟୋରିଆ ମାର୍କେଟ, ଶଙ୍କରପୁର ସାହି, ଚୈତନ୍ୟ ନଗର, ଗେଟ ବଜାର, ଚାଟାର୍ଜୀ ନଗର, କର୍ପୋରେଶନ ରୋଡ ଆଦି ପୂଜା ପେଣ୍ଡାଲର ମୂର୍ତ୍ତି ଭସାଣି କରାଯିବ। ସେହିପରି ଆଗୁଳାବନ୍ଧଠାରେ ବିଜିପୁର ତୋଟା ସାହି, ଟାଟାବେଞ୍ଚ ଛକ, ହିଲପାଟଣା, ଗୋଷାଣୀନୂଆଗାଁ କାଳୁଆ ପୂଜା କମିଟି, ପିଡବ୍ଲ୍ୟୁଡି କଲୋନୀ, ଓଏସ୍‌ଆରଟିସି ପୂଜା କମିଟି, ବିଜିପୁର ଛକ ପୂଜା କମିଟିର ମୂର୍ତ୍ତି ଭସାଣି କରାଯିବା ନେଇ ବିଏମ୍‌ସି ପକ୍ଷରୁ ସ୍ଥିର କରାଯାଇଛି। ସେହିଭଳି ଆମ୍ବପୁଆ ଅସ୍ଥାୟୀ ପୋଖରୀରେ କମାପଲୀ, ଆଙ୍କୁଲି କାଳଞ୍ଜୀ ସାହି, ଇଞ୍ଜିନିୟରିଂ ସ୍କୁଲ ଛକ, ଇରିଗେଶନ ଅଫିସ, ଆଙ୍କୁଲି, ଗଜପତି ନଗର, ବଡଖେମୁଣ୍ଡି ସାହି, ଗୋଇଲୁଣ୍ଡି ଆଡୁଆ ସାହି ଓ ନୂଆ ବସ୍‌ଷ୍ଟାଣ୍ଡ ପୂଜା କମିଟିର ମୂର୍ତ୍ତି ଭସାଣି ହେବ। ସେହିପରି ଆମ୍ବବଜାରସ୍ଥିତ ଅସ୍ଥାୟୀ ପୋଖରୀରେ ଭାପୁର ଦଳୁଆ ସାହି, ଆର.କେ. ହଷ୍ଟେଲ ରୋଡ, ହନୁମାନ ବଜାର, ଗାନ୍ଧୀନଗର, ପୁରୁଣା ବ୍ରହ୍ମପୁର ରାଧାକାନ୍ତ ସାହି, ଉତ୍କଳ ଆଶ୍ରମ ରୋଡ, ଗିରିଜା ଛକ, ପୁରୁଣା ବ୍ରହ୍ମପୁର, ପ୍ରେମ ନଗର ଓ ଟ୍ରେକର ଷ୍ଟାଣ୍ଡ ପୂଜା କମିଟିର ମୂର୍ତ୍ତି ବିସର୍ଜନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ହସ୍ତଗତ ହୋଇଛି।

ଧରିତ୍ରୀ DHARITRI
ବ୍ରହ୍ମପୁର, ଶୁକ୍ରବାର, ୭ ଅକ୍ଟୋବର, ୨୦୨୨



## ଗଜପତି: ୩ ଦିନରେ ୬୬୩.୮ମି.ମି.ବର୍ଷା

ପାରଳାଖେମୁଣ୍ଡି,(ଡି.ଏନ୍.ଏ.) ଲଘୁଚାପ ପ୍ରଭାବରେ ଗଜପତି ଜିଲାର ପାରଳାଖେମୁଣ୍ଡି ସହରାଞ୍ଚଳ ସମେତ ୭ ବ୍ଲକ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଛି। ଜିଲାରେ ଗତ ୩ଦିନ ମଧ୍ୟରେ ମୋଟ ୬୬୩.୮ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ହାରାହାରି ୮୨.୯୮ମିମି ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଜଣାପଡିଛି। କାଶୀନଗର ବ୍ଲକରେ ୩ଦିନ ମଧ୍ୟରେ ମୋଟ ୩୪ମିମି ବର୍ଷା ହୋଇଥିବା ବେଳେ ପାରଳାଖେମୁଣ୍ଡି ସହରରେ ୧୩୬.୬ମିମି, ରାୟଗଡ ବ୍ଲକରେ ୮୯ମିମି, ଗୁମ୍ମା ବ୍ଲକରେ ୯୦ମିମି, ନୂଆଗଡ ବ୍ଲକରେ ୬୨.୨ମିମି, ଆର୍.ଉଦୟଗିରି ବ୍ଲକରେ ୩୧.୨ମିମି, ମୋହନା ବ୍ଲକରେ ୫୦.୪ମିମି, ଗୋଷାଣୀ ବ୍ଲକରେ ୧୭୦ ମିମି ବର୍ଷା ହୋଇଥିବା ଜଣାପଡିଛି ।

# ୪୦୦ ଲୋକଙ୍କୁ ସ୍ଥାନାନ୍ତର କଲା ପ୍ରଶାସନ

ଦାରିଙ୍ଗବାଡି,୬।୧୦(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ହାତୀମୁଣ୍ଡା ପଞ୍ଚାୟତର କୁମ୍ଭାରିପଦାର ଗ୍ରାମ ନିକଟ ପାହାଡ ଭୂସ୍ଖଳନ ଘଟଣାକୁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଗୁରୁତ୍ୱର ସହ ନେଇଛନ୍ତି। ଏବେ ଲଘୁଚାପଜନିତ ବର୍ଷା କାରଣରୁ ବୁଧବାର କୁମ୍ଭାରିପଦାର ଗ୍ରାମବାସୀଙ୍କୁ ହାତୀମୁଣ୍ଡା ଠାରେ ଥିବା ସରକାରୀ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମର ପ୍ରାୟ ୪୦୦ଲୋକଙ୍କୁ ବିଦ୍ୟାଳୟକୁ ନିଆଯାଇ ସେମାନଙ୍କୁ ରୋଷେଇ କରି ଖାଇବା ପାଇଁ ଚାଉଳ, ଡାଲି ଆଦି ଯୋଗାଇ ଦିଆଯାଇଥିଲା। ତେବେ ରୋଷେଇ ସମ୍ଭବ ନ ହେବାରୁ କେତେଜଣ ଲୋକ ପୁଣି ସନ୍ଧ୍ୟାରେ ଘରକୁ ଫେରିଥିଲେ। ଗୁରୁବାର ସେମାନଙ୍କୁ ବିଦ୍ୟାଳୟ ପରିସରରେ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ନିଷ୍ପତି ହୋଇଥିବା ବିଡ଼ିଓ ଗଦାଧର ପାତ୍ର କହିଛନ୍ତି। ବୁଧବାର ବିଡିଓ ଏବଂ ଅତିରିକ୍ତ ତହସିଲଦାର ଭବେଶ



ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି।

### ପାହାଡ଼ରୁ ଭୂସ୍ଖଳନ ଘଟଣା

ମାଝୀଙ୍କ ଉପସ୍ଥିତିରେ ଅନ୍ତରଙ୍ଗ ଯୁବ ସଙ୍ଘ ଏବଂ ଜାଗୃତି କର୍ମକର୍ତ୍ତାଙ୍କ ସହଯୋଗରେ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ଗ୍ରାମ ବିପଦପୂର୍ଣ୍ଣ ରହିଥିବାରୁ ଏବେ ସର୍ଭେ କରାଯାଇ ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଜିଲା ପ୍ରଶାସନ ପ୍ରୟାସ କରୁଛି। ଏଥିପାଇଁ ନିଆଯାଉଥିବା ପଦକ୍ଷେପ ସମୟ ଲାଗିପାରେ ବୋଲି ବିଡ଼ିଓ ପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ହୋଇଥିବା ଲଗାଣ ବର୍ଷାରେ କୁମ୍ଭରିପଦାର ଗ୍ରାମ ନିକଟରେ ଥିବା ପାହାଡ଼ରେ ଲଗାତାର ଦୁଇଥର ଭୂସ୍ଖଳନ ହୋଇଥିଲା। ଏହାପୂର୍ବରୁ ୨୦୧୮ରେ ପ୍ରଥମ ଥର ପାଇଁ ଭୂସ୍ଖଳନ ହୋଇଥିଲା। ତେଣୁ ସେହି ସ୍ଥାନ ଲୋକଙ୍କ ପାଇଁ ଆଉ ସୁରକ୍ଷିତ ନଥିବା ପ୍ରଶାସନ ହୃଦୟଙ୍ଗମ କରିଛି। ବିଡ଼ିଓ ପାତ୍ର ବାରମ୍ବାର ସେହି ସ୍ଥାନକୁ ଯିବା ସହ ଲୋକଙ୍କ ସୁରକ୍ଷା ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।

# ଗାଜଲବାଡ଼ି ଘାଟିରାସ୍ତାରେ ପୁଣି ଫାଟ
## ଭୂସ୍ଖଳନ ପରେ ନିମ୍ନମାନର କାମ

ଦାରିଙ୍ଗବାଡି,୬।୧୦(ଡି.ଏନ୍.ଏ.)

ଦାରିଙ୍ଗବାଡିକୁ ସଂଯୋଗ କରୁଥିବା ୫୯ନଂ ଜାତୀୟ ରାଜପଥର ଗାଜଲବାଡ଼ି ଘାଟିରେ ଗତ ମାସରେ ହୋଇଥିବା ଭୂସ୍ଖଳନ ପରେ ରାଜପଥ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ କରାଯାଇଥିଲା। ଏକାଧିକ ଠିକା ସଂସ୍ଥା ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ କଲେ। କାମ ଶେଷ ହେବାର ମାତ୍ର ଏକ ସପ୍ତାହ ହୋଇ ନ ଥିବା ବେଳେ ଏବେ ପୁଣି ଲଘୁଚାପ ଜନିତ ଲଗାଣ ବର୍ଷାରେ ସେହି ସ୍ଥାନରେ ବଡ ବଡ ଫାଟ ଦେଖାଦେଲାଣି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବା ପୁଣି ବିପଦ ହୋଇଛି। ସେଠାରେ ଫାଟ ଦେଇଥିଲେ ମଧ୍ୟ ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ବିଭାଗର କନିଷ୍ଠ ଯନ୍ତ୍ରୀ ଜୟଦେବ ଦେ କହିଛନ୍ତି କାମ ସ୍ଥାୟୀ ଭାବେ କରାଯାଇଛି ଏବଂ ଭଲ କାର୍ଯ୍ୟ କରାଯାଇଛି ବୋଲି ସେ କହିଛନ୍ତି। ଗାଡି ମୋଟର ଚଳାଚଳରେ କୌଣସି ସମସ୍ୟା ନଥିବା ଏବଂ ମଙ୍ଗଳବାର ଠାରୁ ସେହି ରାଜପଥ ରେ ସମସ୍ତ ଗାଡି ମୋଟର ଛଡ଼ାଯାଇଥିବା କହିଛନ୍ତି।



ମରାମତି ସ୍ଥାନରେ ପୁଣି ଫାଟ ହୋଇଛି।

### ସଂକ୍ଷେପରେ

## ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

ଶେରଗଡ,୬।୧୦(ଡି.ଏନ୍.ଏ.)- ଶେରଗଡରେ ଗତ ୩ଦିନ ହେଲା ବର୍ଷା ଲାଗିରହିଛି। ଫଳରେ ବ୍ଲକର ବିଭିନ୍ନ ପଞ୍ଚାୟତର ନାଳନର୍ଦ୍ଦମାରେ ପାଣି ଭର୍ତ୍ତି ହୋଇଛି। ତୁହାକୁ ତୁହା ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବ୍ଲକ ଅଞ୍ଚଳରେ ଗତ ୪ ତାରିଖରେ ୧୪ମିମି, ୫ରେ ୭୪.୫ ମିମି ଓ ୬ ତାରିଖ ଅପରାହ୍ନ ସୁଦ୍ଧା ୨୭ ମିମି ଏପରି ମୋଟ ୧୧୫.୫ ମିମି ବର୍ଷା ହୋଇ ବିଡିଓ ଶିବାଶିଷ ବରାଳ ସୂଚନା ଦେଇଛନ୍ତି। ବର୍ଷା ଯୋଗୁ ଶେରଗଡ଼ ଦେଇ ଯାଉଥିବା ନନ୍ଦିନୀ ନଦୀ, କୁରୁଳା ଦେଇ ଯାଉଥିବା ଘୋଡ଼ହାଡ଼ ନଦୀ, ପିଉଳ, ତହଁର, ବ୍ରାହ୍ମଣଛାଇ ଦେଇ ଯାଉଥିବା ଋଷିକୁଲ୍ୟା ନଦୀର ଜଳସ୍ତର ବୃଦ୍ଧି ପାଇଛି।

## ମାଛ ମଡ଼କ, ଚିନ୍ତାରେ ଚାଷୀ

ଦାରିଙ୍ଗବାଡି,୬।୧୦(ଡି.ଏନ୍.ଏ.)- ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ କାରିପାଙ୍ଗା ଗ୍ରାମରେ ମାଛ ମଡ଼କ ଦେଖାଯାଇଛି। ଗ୍ରାମର ଅମରେନ୍ଦ୍ର ପ୍ରଧାନ ଦେଶୀ ପ୍ରଣାଳୀରେ ମାଛ ଚାଷ କରୁଥିବା ବେଳେ ଏବେ ମାଛ ମରିଥିବାରୁ ସେ ଲକ୍ଷାଧିକ ଟଙ୍କା କ୍ଷତି ସହିଥିବା କହିଛନ୍ତି। ଗତ କିଛିଦିନ ତଳେ ପୋଖରୀରେ ସେ ମାଛ ଯାଆଁଳ ଛାଡ଼ିଥିଲେ। ସୋମବାର ସବୁ ଯାଆଁଳ ମରି ଭାସୁଥିବା ଦେଖାଯାଇଥିଲା। ମତ୍ସ୍ୟ ବିଭାଗର କୌଣସି ଅଧିକାରୀ ନ ଥିବା ବେଳେ କେଉଁ କାରଣରୁ ଏଭଳି ହେଲା ସେ ଜାଣିପାରୁନାହାନ୍ତି। କିଛି ବର୍ଷ ହେଲା ସରକାରଙ୍କ ମୋ ପୋଖରୀ ଯୋଜନାରେ ପୋଖରୀ ଓ ମାଛ ଚାଷକୁ ଗୁରୁତ୍ୱ ଦିଆଯାଉଥିବାରୁ ସ୍ଥାନୀୟ ଲୋକ ମାଛ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଭଞ୍ଜନଗର,୬।୧୦(ଡି.ଏନ୍.ଏ.)- ଭଞ୍ଜନଗର-ଦୁର୍ଗାପ୍ରସାଦ ମୁଖ୍ୟ ରାସ୍ତାର ବୁଦୁଲି ନିକଟରେ ମଙ୍ଗଳବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୁଜାଗଡ଼ର ଭଞ୍ଜ ସେଠୀ। ଭଞ୍ଜ ଗାଁରୁ ଭଞ୍ଜନଗର ଅଭିମୁଖେ ଆସୁଥିବା ବେଳେ ବାଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଭଞ୍ଜନଗର ପୋଲିସ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

## ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ଦାରିଙ୍ଗବାଡି,୬।୧୦(ଡି.ଏନ୍.ଏ.)- ଦାରିଙ୍ଗବାଡି ବ୍ଲକ ଅଞ୍ଚଳର ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଗଦାଧର ପାତ୍ରଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗର କର୍ମଚାରୀ, ଅଧିକାରୀ, ଲୋକ ପ୍ରତିନିଧିଙ୍କ ଉପସ୍ଥିତରେ ବିଭିନ୍ନ ପ୍ରକଳ୍ପ କରାଯିବା ପାଇଁ ଗ୍ରାମ ସଭାରେ ରେଜ୍ୟୁଲେସନ କରଯାଇଥିଲା। ସମସ୍ତ ପ୍ରକଳ୍ପ ସାଧାରଣ ଲୋକଙ୍କ ଆବଶ୍ୟକତାକୁ ଆଖିଆଗରେ ରଖି ପ୍ରକଳ୍ପ ପାରିତ କରଯାଇଛି।

## ବର୍ଷାରେ ଭୁଶୁଡ଼ିଲା କାନ୍ଥ

ହିଞ୍ଜିଳିକାଟୁ,୬।୧୦(ଡି.ଏନ.ଏ): ଲଗାଣ ବର୍ଷା ଯୋଗୁ ଗୁରୁବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ଜଗନ୍ନାଥ ମାର୍ଗରେ ୨ ଘରକୁ ଲାଗି ଥିବା ଏକ କାନ୍ଥ ଭୁଶୁଡି ପଡ଼ିଛି। ଅଶୋକ କୁମାର ସାହୁ ଓ ପ୍ରମୋଦ କୁମାର ସାହୁଙ୍କ ଘରର ମଝି ଇଟାମାଟି କାନ୍ଥ ଭୁଶୁଡି ପଡ଼ିଥିଲେ ମଧ୍ୟ ସୌଭାଗ୍ୟବଶତଃ କାହାରି କିଛି ହୋଇନାହିଁ। ତେବେ ପ୍ରମୋଦଙ୍କ ଏକ ବାଇକ ଉପରେ କାନ୍ଥ ପଡ଼ି ତାହା କ୍ଷତିଗ୍ରସ୍ତ ହୋଇଛି।

## ଭଉଣୀ ଘରକୁ ଆସି ଭାଇ ମୃତ

ଫୁଲବାଣୀ ଅଫିସ, ୬।୧୦-ଦଶହରା ପର୍ବରେ ଭଉଣୀ ଘରକୁ ବୁଲି ଆସିଥିବା ଭାଇଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ମୃତକ ହେଲେ ବାଲିଗୁଡା ବ୍ଲକ ଅଞ୍ଚଳର ଗୁମାନସିଂ ସାହାଣୀ(୫୫) । ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ଅଞ୍ଚଳରେ ଗୁମାନସିଂଙ୍କ ଭଉଣୀ ଘର। ସେ ଦଶହରା ଉପଲକ୍ଷେ ବୁଲି ଆସିଥିଲେ । ବନ୍ଧଗଡ଼ ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ବରାଳଦେବୀଙ୍କ ମନ୍ଦିର ପାଖରେ ଥିବା ପୋଖରୀକୁ ଭିଣୋଇଙ୍କ ସହ ମିଶି ଗାଧୋଇ ଯାଇଥିବା ବେଳେ ଅସାବଧାନତାରୁ ବୁଡି ଯାଇଥିଲେ। ଖବରପାଇ ସାରଙ୍ଗଗଡ଼ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲା । ଦୁଇଘଣ୍ଟା ପରେ ପୋଖରୀରୁ ମୃତଦେହ ମିଳିଥିଲା । ଫିରିଙ୍ଗିଆ ପୋଲିସ ତାହାକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

# କନ୍ଧମାଳ ଯୁବକଙ୍କୁ କୋଶଳ ଗିରି ସମ୍ମାନ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୬।୧୦

କନ୍ଧମାଳ ଜିଲାର ଯୁବକ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ରାଜେନ୍ଦ୍ର କୁମାର ଦିଗାଲଙ୍କୁ କୋଶଳ ଗିରି ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଉତ୍କଳ ମଣ୍ଡପରେ ପଶ୍ଚିମ ଓଡିଶା ଯୁବ ମଞ୍ଚ ପକ୍ଷରୁ ଆୟୋଜିତ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଦିଗାଲଙ୍କୁ ସମାଜସେବା ପାଇଁ ଏହି ସମ୍ମାନ ମିଳିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ସୁରେଶ ପୁଜାରୀ, ପୂର୍ବତନ ଏମ୍‌ପି ପ୍ରଭାସ ସିଂହ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାୟିକା କୁସୁମ ଟେଟେ ପ୍ରମୁଖ ଅତିଥିଙ୍କ ଗହଣରେ ତାଙ୍କୁ ସମ୍ମାନିତ କରାଯାଇଥିଲା । କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ବାରଖମା ଅଞ୍ଚଳରେ ରାଜେନ୍ଦ୍ର ଜନ୍ମଠାରୁ ଛାତ୍ର ଜୀବନ କରିଥିଲା।



ରାଜେନ୍ଦ୍ରଙ୍କୁ ସମ୍ମାନିତ କରାଯାଉଛି ।

ସେନାରେ ଚାକିରି ପାଇବା ପରେ ସେ ବିଭିନ୍ନ ସ୍ଥାନରେ ରହି ଅବସରନେବା ପରେ ପରିବାର ସହିତ ବନ୍ଧବାହାଲରେ ରହୁଛନ୍ତି। ରାଜେନ୍ଦ୍ର ଅନେକ ସମୟରେ ଗରିବଙ୍କ ପାଇଁ ଘର ତିଆରି କରିଥିବା ବେଳେ ସାହାଯ୍ୟ ମଧ୍ୟ କରି ଆସୁଛନ୍ତି।

# ପୂର୍ବତନ ୱାର୍ଡ ମେମ୍ବରଙ୍କ ହତ୍ୟା ଘଟଣା, ଯୁବକ ଗିରଫ

ଫୁଲବାଣୀ ଅଫିସ, ୬।୧୦

ଫିରିଙ୍ଗିଆ ବ୍ଲକ କାଶିନିପଦର ପଞ୍ଚାୟତ ମାଝିପଡା ଗ୍ରାମର ପୂର୍ବତନ ୱାର୍ଡମେମ୍ବର ରାଇମତି କହଁରଙ୍କ ମୃତଦେହ ଗାଁ ଠାରୁ କିଛି ଦୂର ଏକ ଖାଲରୁ ମିଳିଥିଲା । ଏହା ଏକ ହତ୍ୟାକାଣ୍ଡ ସନ୍ଦେହ କରି ପୋଲିସ ତଦନ୍ତ ଆରମ୍ଭ କରି ଘଟଣା ଉପରୁ ରହସ୍ୟ ଉଠାଇଛି । ସୁନାଗହଣା ଚୋରି ପାଇଁ ଏହି ହତ୍ୟାକାଣ୍ଡ ଘଟିଛି । ହତ୍ୟା ଅଭିଯୁକ୍ତ ମାଝିପଡା ଗାଁର ବିପିନ ଦିଗାଲ(୨୫)ଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ପାଖରୁ ୫ ଗ୍ରାମର ସୁନା ଓ ହତ୍ୟାକାଣ୍ଡରେ ବ୍ୟବହୃତ କାଠ ଫାଳିଆକୁ ଜବତ କରିଛି।

ସୂଚନାଯୋଗ୍ୟ, ମାଝିପଡା-ଭୁଙ୍ଗିବାଲି ରାସ୍ତାର ସାବେରୀ ଘାଟି ପାଖରେ ଥିବା ଏକ ଖାଲରୁ ରାଇମତୀଙ୍କ ମୃତଦେହ ମିଳିଥିଲା। ରାଇମତି ଦୁଇ ଥର ମାଝିପଡାର ୱାର୍ଡ ମେମ୍ବର ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ୱାମୀ ନାଉତା କହଁର ମଧ୍ୟ ସମିତି ସଭ୍ୟ ଥିଲେ। କିଛି ବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଥିଲା । ରାଇମତି ଘରେ ଏକୁଟିଆ ରହୁଥିଲେ।

# ବର୍ଷାରେ ଫିକା ପଡିଲା ଦଶହରା

ପାରଳାଖେମୁଣ୍ଡି, ୬।୧୦(ଡି.ଏନ୍.ଏ.)

ଲଘୁଚାପ ପ୍ରଭାବରେ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ଗତ ୩ ଦିନହେଲା ଝିପି ଝିପି ବର୍ଷା ଲାଗିରହିଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି । ୩ ଦିନ ଧରି ବର୍ଷା ଲାଗି ରହିଥିବାରୁ ଲୋକେ ଦଶହରା ପୂଜାପାଇଁ ଭିଜି ଭିଜି ବିଭିନ୍ନ ସାମଗ୍ରୀ କ୍ରୟ କରିଥିଲେ। ପୂଜା ଦିନ ଅର୍ଥାତ ୫ ତାରିଖ ଦିନତମାମ ପାରଳାଖେମୁଣ୍ଡି ସହରରେ ବର୍ଷା ନ ଥିବା ବେଳେ ଅପରାହ୍ନ ୫ଟାରୁ ବର୍ଷା ଆରମ୍ଭ ହୋଇଥିଲା। ଏଥିଯୋଗୁଁ ଦଶହରା ପୂଜା ମଣ୍ଡପକୁ ଦର୍ଶନ ଲାଗି ଯେଉଁ ଭିଡ଼ ହେବା କଥା ସେପରି ହୋଇ ନଥିଲା। ଶ୍ରଦ୍ଧାଳୁମାନେ ଭିଜି ଭିଜି ସହରର ବିଭିନ୍ନ ପୂଜାମଣ୍ଡପକୁ ଯାଇଥିବା ଦେଖାଯାଇଥିଲା । ଗତ ୨ବର୍ଷ ହେଲା କରୋନା ଲାଗି କଟକଣା ଥିବା ଯୋଗୁ ଦଶହରା ପୂଜା ଗୋଟିଏ ବର୍ଷ ବିନା ଜନସମାଗମରେ ଏବଂ ଗତବର୍ଷ ବିଭିନ୍ନ କଟକଣାରେ ଭିଡ ନ ଜମାଇ ଦର୍ଶନ ଲାଗି ଅନୁମତି ଦିଆଯାଇଥିଲା । ଚଳିତ ବର୍ଷ କୌଣସି କଟକଣା ନଥିବା ଯୋଗୁ ପ୍ରବଳ ଭିଡ ହେବା ଆକଳନ କରାଯାଉଥିଲା। ହେଲେ ବର୍ଷା ଯୋଗୁଁ ତାହା ଫିକା ପଡିଯାଇଥିବାର ଲକ୍ଷ୍ୟ କରାଯାଇଛି ।



ବର୍ଷାରେ ଭିଜି ଦୁର୍ଗାପୂଜା ଦେଖିବାକୁ ଆସିଥିବା ଲୋକେ।

# ଦାସକାଠିଆ ମାଧ୍ୟମରେ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା

ଭଞ୍ଜନଗର,୬।୧୦(ଡି.ଏନ୍.ଏ.)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ବେଲଗୁଣ୍ଠା ସେକ୍ସନ ଦୁବ ଫାର୍ମରେ ଗୁରୁବାର ୬୮ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପରିବେଶ ସନ୍ତୁଳନ ରକ୍ଷା କରିବାକୁ ହେଲେ ବନ୍ୟପ୍ରାଣୀ ସୁରକ୍ଷିତ ରହିବା ଜରୁରୀ। ବନ୍ୟପ୍ରାଣୀ ସୁରକ୍ଷିତ ରହିଲେ ଜଙ୍ଗଲ ସୁରକ୍ଷିତ ରହିବ। ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷିତ ରଖିବାକୁ ଲୋକଙ୍କ ସହଯୋଗ ଲୋଡ଼ା। ତେଣୁ ବନ କର୍ମଚାରୀ ଲୋକଙ୍କ ସହ ସମନ୍ୱୟ ରକ୍ଷା କରିବା ସହ ସେମାନଙ୍କର ସୁଖ ଦୁଃଖରେ ସାଥୀ ହୁଅନ୍ତୁ ବୋଲି ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ସୁରେଶ ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁଗ୍ମ ଜଙ୍ଗଲ ପରିଚାଳନା



ଦାସକାଠିଆ ପରିବେଷଣ କରାଯାଉଛି।

ଉପରେ କହିଥିଲେ। ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱବଧାରକ ଶୁଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ। ଶିକ୍ଷକ ନାରାୟଣ ବେହେରା, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମାର ବେହେରା, ଦୁବ ଫାର୍ମ ଏମଡି ସୁଶାନ୍ତ ପ୍ରଧାନ, ଜଗନ୍ନାଥପ୍ରସାଦ ରେଞ୍ଜର ୟୁ .କେ. ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଉପସ୍ଥିତ ବନ ସୁରକ୍ଷା ସମିତି ସଭ୍ୟା ସଭ୍ୟମାନଙ୍କୁ କହିଥିଲେ। ଏହି ଅବସରରେ ଦାସକାଠିଆ ଲୋକ ନୃତ୍ୟ ମାଧ୍ୟମରେ ଉପସ୍ଥିତ ଲୋକଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଉପରେ ସଚେତନତା କରାଯାଇଥିଲା। ସୁବାସ ଚନ୍ଦ୍ର ବେହେରା (ଗାହାକ) ଓ ଦେବେନ୍ଦ୍ର ନାଥ ଦାସ (ସାଥୀ) ଦାସକାଠିଆ ପରିବେଷଣ କରିଥିଲେ ।

# ଆକ୍ରମଣରେ ବୃଦ୍ଧ ମୃତ, ପୁଅ ଗୁରୁତର

କବିସୂର୍ଯ୍ୟନଗର,୬।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବୋଲସର ଗ୍ରାମ ଖଦାଳ ସାହିରେ ବୁଧବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ଗାଁ ଦାଣ୍ଡରେ ଗୋଟିଏ ପରିବାରର ବାପ ଓ ପୁଅକୁ ଦୁର୍ବୃତ୍ତମାନେ ଠେଙ୍ଗାରେ ଆକ୍ରମଣ କରିଛନ୍ତି। ବାପାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛି।

ପୋଲିସ ସୂଚନା ଅନୁସାରେ, ଆନନ୍ଦ ନାହାକ ଓ ସ୍ତ୍ରୀ ରମଣୀ ଗାଁ ଶେଷ ମୁଣ୍ଡରେ ଚାଲିଥିବା କୋଠିଶାଳ ଭୋଗ ଲଗାଇ ଘରକୁ ଫେରିଥିଲେ। ଆନନ୍ଦ ଘର ବାରଣ୍ଡାରେ ବସିଥିବା ବେଳେ ଗ୍ରାମର ଟ୍ରାକ୍ଟର ଚାଳକ ଆକୁଳ ସେଠୀ ଓ ବିନାୟକ ସେଠୀ ଦୁହେଁ ଆନନ୍ଦଙ୍କ ସାନପୁଅ ଅମରଙ୍କୁ ଠେଙ୍ଗାରେ ଆକ୍ରମଣ କରୁଥିବା ଦେଖି ଛଡ଼ାଇବାକୁ ଯାଇ ନିଜେ ଆନନ୍ଦ ଆକ୍ରମଣର ଶିକାର ହୋଇ ଘଟଣାସ୍ଥଳରେ ଟଳି ପଡିଥିଲେ। ଅନ୍ୟପଟେ ଅମରଙ୍କୁ ଗୁରୁତର ଅବସ୍ଥାରେ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଅଧିକ ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଆକ୍ରମଣକାରୀ ଆକୁଳ ଓ ବିନାୟକଙ୍କୁ ଧରି ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରୁଛି। ମାମଲା ନଂ.୪୪୪/୨୨ରୁଜୁକରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆସିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ଅମର ସର୍ବଦା ନିଶାସକ୍ତ ଅବସ୍ଥାରେ ଗ୍ରାମବାସୀଙ୍କୁ ଗାଳି କରୁଥିବା ଓ ତାଙ୍କ ମାନସିକ ଅବସ୍ଥା ଭଲ ନ ଥିବା ବଡ ଭାଇ ସଞ୍ଜୟ ନାହାକ କହିଛନ୍ତି। ବାପା ଆନନ୍ଦ ଜଣେ କାଠ କାଟୁରିଆ, ଯାହାଦ୍ୱାରା ପରିବାର ଚଳୁଥିଲା। ଖବର ଲେଖାଯିବା ସୁଦ୍ଧା ଆକ୍ରମଣର କାରଣ ଜଣାପଡି ନାହିଁ।

# ଓଷାକୋଠି ଆରମ୍ଭ, ଗ୍ରାମାଞ୍ଚଳ ଉତ୍ସବମୁଖର



ରମୁଣି ସାହିରେ ଓଷାକୋଠି ପୂଜା ଚାଲିଛି।

ଶେରଗଡ,୬।୧୦(ଡି.ଏନ୍.ଏ.)

ଶେରଗଡ ରମୁଣି ସାହିରେ ବୁଧବାରଠାରୁ ଓଷାକୋଠି ପର୍ବ ଆରମ୍ଭ ହୋଇଛି। ପ୍ରଥମେ କୋଠଘରର କାନ୍ଥରେ କୋଠିଶାଳ ଚିତ୍ର ଅଙ୍କାଯାଇଥିଲା। ପରେ ନନ୍ଦିନୀ ନଦୀରୁ ପାଣି ଆଣି ସଂକଳ୍ପ କରାଯିବାପରେ ମାନସିକଧାରୀ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲୁଥିବା ଏହି ଯାତ୍ରା ପ୍ରତିଦିନ ଘଟ କଳସ ପୂଜା କରାଯିବା ସହ ଝୁଣା ଦ୍ୱାରା ମାଁଙ୍କୁ ପୂଜା କରାଯାଉଛି। ଘଟ କଳସ ଧରି ମାଁଙ୍କ ନିମନ୍ତେ ଗ୍ରାମ ପରିକ୍ରମା କରିବା ବିଧି ରହିଛି। ହରିଜନ ସାହି, ରାମକୃଷ୍ଣପୁର, ନାରାୟଣପୁର, ତାକରଦା, ଭୁଶୁଣ୍ଡା, ପାଟପଲି, ବରମୁଣ୍ଡଳୀ, ବନ୍ଧାଗୁଡା, ବରିକୋଟ, ଲାଞ୍ଜିଆପଲି, ବାକିଲିକଣା, କୁରୁଳା, କାଞ୍ଚିଆମା, ଆମ୍ବୁଆବାଡ଼ି, କେରିକେରିଖୋଲା, ଢ଼ିଙ୍କିସାଳ ଗ୍ରାମରେ ଏହି ପୂଜାର୍ଚ୍ଚନା ଚାଲିଛି।ପର୍ବ ଅବସରରେ ନାଟ ଗୀତର ଆସର ମଧ୍ୟ ଚାଲିଛି।

# ଅଖଣ୍ଡ ଦୀପରୁ ପରିବା ବଜାରରେ ଅଗ୍ନିକାଣ୍ଡ

ବୁଗୁଡ଼ା,୬।୧୦(ଡି.ଏନ.ଏ.)

ବୁଗୁଡା ତ୍ରିନାଥ ସ୍ୱାମୀ ପରିବା ବଜାରରେ ବୁଧବାର ରାତି ସାଢେ ଦଶଟା ବେଳେ ଅଗ୍ନିକାଣ୍ଡ ଘଟି ୩ ଦୋକାନ ପୋଡି ଯାଇଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡରେ ବ୍ୟବସାୟୀ ଧୋବା ପ୍ରଧାନ, ସୀମାଞ୍ଚଳ ପୋଲାଇ ଓ ସନ୍ନ୍ୟାସୀ ପଣ୍ଡାଙ୍କ ଗୋଟିଏ ଲେଖାଏ ଦୋକାନ ପୋଡି ବ୍ୟାପକ କ୍ଷୟକ୍ଷତି ହୋଇଛି । ଅଗ୍ନିକାଣ୍ଡ ଯୋଗୁ ଦୋକାନରେ ଗଚ୍ଛିତ ଥିବା ପରିବା ସହ ଦରକାରୀ କାଗଜପତ୍ର ପୋଡିଯାଇଛି । ଏଥିରେ ତିନିଜଣ ବ୍ୟବସାୟୀଙ୍କର ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଇଛି । ପ୍ରକାଶ ଯେ, ଦଶହରା ପାଇଁ ଧୋବା ପ୍ରଧାନଙ୍କ ଦୋକାନରେ ଅଖଣ୍ଡ ଦୀପ ଜଳୁଥିଲା । କୌଣସି କାରଣରୁ ସେଥିରୁ ନିଆଁ

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



କ୍ଷତିଗ୍ରସ୍ତ ପରିବା ଦୋକାନ ।

ବାହାରି ଏହି ଅଗ୍ନିକାଣ୍ଡ ଘଟିଥିଲା । ରାତି ପ୍ରାୟ ସାଢେ ଦଶଟା ବେଳେ ନିଆଁ ଜଳୁଥିବା ଦେଖି ଲୋକେ ପାଟି କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗ କର୍ମଚାରୀମାନେ ପହଞ୍ଚି ବିଦ୍ୟୁତ ବିଚ୍ଛିନ୍ନ କରିଥିଲେ । ଏଥିସହ ଦମକଳବାହିନୀ ନିଆଁକୁ ଆୟତ୍ତ କରିଥିଲା ।

